# Akashvani, Sambalpur

# SAMBALPURI NEWS BULLETIN

## 07 October 2025 – 6.47- 6.52 am.

**********************************************

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ଗଲାକାଏଲ୍ ବିଜ୍ଞପ୍ତି ବାହାର୍‌ବାର୍ ସହେତେ ସାରା ଜିଲ୍ଲା ନ ଆଦର୍ଶ ଆଚରଣ ସଂହିତା ଲାଗୁ ହେଇଛେ । ଇ ବାବ୍‌ଦେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଗଲାକାଏଲ୍ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇଛନ୍ । ଜିଲ୍ଲାପାଲ୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏବା ନଭେମ୍ବର ୧୧ ତାରିଖ୍ ଦିନ ଭୋଟ୍ ହେବାର୍‌କେ ଥିବାର୍ ବେଲେ ୧୪ ତାରିଖ୍ ଦିନ ଫଲାଫଲ୍ ଘୋଷ୍‌ନା ହେବା । ଇ ବାବ୍‌ଦେ ଆଏବା ୧୩ ତାରିଖ୍ ଗେଜେଟ୍ ବିଜ୍ଞପ୍ତି ଜାରି, ୨୦ ତାରିଖ୍ ନାମାଙ୍କନ୍ ଦାଖଲ୍‌ର ଶେଷ୍ ଦିନ୍, ୨୨ ତାରିଖ୍ ପ୍ରାର୍ଥୀପତ୍ର ଯାଂଚ, ୨୪ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ ଶେଷ୍ ତାରିଖ୍ ରହିଛେ । ନଭେମ୍ବର ୧୬ ତାରିଖ୍ ଦିନ ନିର୍ବାଚନ୍ ଶେଷ୍ ହେବା ବଲି ଜିଲ୍ଲାପାଲ୍ କହିଛନ୍ ।

ସେଆଡ଼େ ଜିଲ୍ଲା ନ ଅବାଧ, ନିରପେକ୍ଷ ଆଉ ଶାନ୍ତିଶୃଙ୍ଖଲା ସହେତେ ନିର୍ବାଚନ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯିବା ବଲି ଆରକ୍ଷୀ ଅଧିକ୍ଷକ୍ ଅମୃତ୍ ପାଲ୍ ସିଂ

କହିଛନ୍ । ଆଦର୍ଶ ଆଚରଣ୍ ସଂହିତା କଡ଼ାକଡ଼ି ଅନୁପାଲନ୍ ଲାଗି ଭିଲ୍ ଅଏତ୍କା ଧ୍ୟାନ୍ ଦିଆଯିବା ବଲି ଶ୍ରୀ ସିଂ କହିଛନ୍ ।

ଶ୍ରୀମନ୍ଦିର-କୁମାରପୂର୍ଣ୍ଣିମା       ଆର୍ଏନ୍ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ଠାନୁ କାର୍ତିକ ବ୍ରତ ମୁଲ୍ ହେଉଛେ । ମାହାପୁରୁଙ୍କର୍ ରାଇ ଦାମୋଦର୍ ବ୍ରତ ପାଲନ୍ କର୍ବାର୍କେ ପୁରୀ ନ ହବିଷ୍ୟାଲି ମାନେ ପୁହୁଁଚିଛନ୍ । ପ୍ରଶାସନ୍ ତର୍ଫୁ ୧ ହଜାର୍ ୯ ଶହ ୫୦ ଝନ୍ ହବିଷ୍ୟାଲିଙ୍କର୍ ରହେବାର୍ ଆଉ ବ୍ରତ ପାଲନ୍ କର୍ବାର୍ ଲାଗି ୪ ଟା ହବିଷ୍ୟାଲି ଶିବିର୍ ନ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ।
ସେଆଡ଼େ କୁମାରପୂର୍ଣ୍ଣିମା ଲାଗି ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍କର୍ ସ୍ୱତନ୍ତ୍ର ନୀତିକାନ୍ତି ହେଉଛେ । ପରମ୍ପରା ଅନ୍ସାରେ ମଧ୍ୟାହ୍ନ ଧୂପ ନୀତି ଶେଷ୍ ହେବାର୍ ଉତ୍ରୁ ଶ୍ରୀଦେବୀ ଆର୍ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯିବା । ଇତାର୍ଉତ୍ରୁ ଆଜ୍ଞାମାଳ ପାଇକରି ଶ୍ରୀ ସୁଦର୍ଶନ୍ ମାହାପୁରୁ ଚଉଦଳ ନ ଚାରିଆଶ୍ରମ୍କେ ବିଜେ କର୍ବେ । ସେନେ ପନ୍ତୀଭୋଗ ଆର୍ ବନ୍ଦାପନା ନୀତି ସର୍ବାର୍ ଉତ୍ରୁ ପଶ୍ଚିମ ଦ୍ୱାର ଦେଇକରି ଶ୍ରୀମନ୍ଦିର୍କେ ଫିର୍ବେ । ସେଆଡ଼େ ବଡ଼ସିଂହାର ଭୋଗ ସର୍ଲେ ଶକଟା, ପଶା ଆର୍ କଉଡ଼ି ଖେଳ ହେବା । ଇ ଖେଲ୍ଥି

ମହାଲକ୍ଷ୍ମୀ ଠାନୁ ଶ୍ରୀ ଜଗନ୍ନାଥ୍ ହାରିଥିବାର୍‌ନୁ ମାହାପୁରୁଙ୍କର୍ ଚଳନ୍ତି ପ୍ରତିମା ଶ୍ରୀ ମାଧବ ୭ ଦିନ୍ ତକ୍ ଲକ୍ଷ୍ମୀ ମନ୍ଦିର୍ ନ ବନ୍ଧା ରହେବେ ।

ଚିଠା ସମବାୟ ନୀତି I&PR

ରାଏଜେ ସମବାୟ କ୍ଷେତ୍ରକେ ଆହୁରି ବର୍‌କସ୍, କ୍ରିୟାଶୀଳ ଆଉ ବହୁମୁଖୀ କର୍‌ବାର୍ ଲକ୍ଷ୍ୟଥି ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ଓଡ଼ିଶା ରାଜ୍ୟ ସମବାୟ ନୀତି -୨୦୨୫ ଆନ୍‌ବାର୍‌କେ ଯାଉଛନ୍ । ଇ ବାବ୍‌ଦେ ଗୁଟେ ଚିଠା ସମବାୟ ନୀତି ତିଆର୍ କରାଯାଇକରି ଜନସାଧାରଣ୍‌ଙ୍କର୍ ପାଖେ ମତାମତ ଲାଗି ବିଭାଗ୍ ତର୍‌ଫୁ ନିବେଦନ୍ କରାଯାଇଛେ । ଇ ଚିଠା ନୀତି ବାବ୍‌ଦେ ସମବାୟ ବିଭାଗ୍‌ର ୱେବ୍‌ସାଇଟ୍ coop.odisha.gov.in ଥି ଲୁକେ ଜାନିପାର୍‌ବେ । ଜନସାଧାରଣ୍, ବୁଦ୍ଧିଜୀବୀ ସେମାନ୍‌କର୍ ପ୍ରସ୍ତାବ୍ coopsec.od.gov.in ଆଉ cooperationodisha@ gmail.com ଥି ପଠେଇ ପାର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

କଟକ୍ କର୍ଫ୍ୟୁ ଆର୍‌ଏନ୍‌ୟୁ/ ସମ୍ବଲପୁର/I&PR

କଟକ୍ ଗଣ୍ଡଗୋଲ୍ ଘଟ୍‌ନା ଉତ୍‌ରୁ ୧୩ ଟା ଥାନା ଇଲାକା ନ ପୁଲିସ୍ ଛାଉଣି ଲାଗି ରହିଛେ । କଟକ୍ ନ ଥିତି ସାମାଏନ୍ ହେବାର୍

ସହେତେ ଶାନ୍ତି ଫିର୍‌ବାର୍‌କେ ଲାଗିଛେ । ହେଲେ ଭିଲ୍ ସୁରକ୍ଷା ଦୃଷ୍ଟିନୁ ଆଏଜ୍ ସଞ୍ଜବେଲର୍ ୬ ବଜେତକ୍ ଇ ସବୁ ଇଲାକା ନ କର୍ଫ୍ୟୁ ଜାରି ରହିଛେ । ମୋବାଇଲ୍ ଇଂଟର୍‌ନେଟ୍ ସେବା ଭିଲ୍ ବନ୍ଦ୍ ରଖାଯାଇଛେ । ସେଆଡ଼େ ସୋସିଆଲ୍ ମିଡ଼ିଆଥି କେନ୍‌ସି ଭିଲ୍ ପୋଷ୍ଟ୍ କର୍‌ବାର୍ ଆଘୋନୁ ଆଉ ବିଶ୍ୱାସ୍ କର୍‌ବାର୍ ଆଘୋନୁ ତାର୍ ସତ୍ୟତା ଯାଂଚ୍ କର୍‌ବାର୍ ସହେତେ ଭୁଲ୍ ଆଉ ଉତେଜନାମୂଲକ୍ ପୋଷ୍ଟ୍ କର୍‌ବାର୍‌ନୁ ଦୂରେ ରହୁନ୍ ବଲିକରି ଓଡ଼ିଶା ପୁଲିସ୍ ତର୍‌ଫୁ ଲୁକ୍‌କୁ ପରାମର୍ଶ ଦିଆଯାଇଛେ ।

ବିଶ୍ୱ କପା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ କପା ଦିବସ୍ । ଅର୍ଥନୈତିକ୍ ଅଭିବୃଦ୍ଧିର୍ ଅନ୍ତର୍ଜାତୀୟ ବେପାର୍ ଆଉ ଗରିବି ହଟାବାର୍ ଦିଗେ କପାର୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ୨୦୧୯ ମସିହାନୁ ମିଲିତ ଜାତିସଂଘର୍ ଖାଦ୍ୟ ଆଉ କୃଷି ସଂଗଠନ୍ -ଏଫ୍‌ଏଓ ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଇଆସୁଛେ । ସୂଚ୍‌ନା ଅନ୍‌ସାରେ ସାରା ପୁର୍‌ଥି ନ କପ୍‌ଡ଼ା ତିଆର୍ ଦିଗେ କପାର ବହୁତ୍ ବେଭାର୍ ହେସି । ସାରା ପୁର୍‌ଥି ନ ଇହାଦେ କପା ଚାଷ୍  ୨ କୋଟି ୪୦ ଲାଖ୍ ନୁ ଅଏତ୍‌କା ଲୁକ୍‌କର୍ ଜୀବନ୍ ଜୀବିକା ପାଲ୍‌ଟିଛେ । ଇଥି ୮୦ ଟା ଦେଶର୍ ୧୦ କୋଟି ନୁ ଅଏତ୍‌କା

ପରିବାର୍ ଲାଭ୍ ପାଉଛନ୍ । ଇ ଅବ୍ସରେ ସାରା ପୁର୍ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଭାରତ୍ ସର୍କାର୍ଙ୍କର୍ ତର୍ଫୁ ଆଏଜ୍ ନୂଆଦିଲ୍ଲୀ ନ ହେବାର୍କେ ଥିବା ବିଶ୍ୱ କପା ଦିବସ୍ ସମାରୋହଥି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ୍ ସିଂ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସୁବର୍ଣ୍ଣପୁର୍- କୁମାର ଉତ୍ସବ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଶକ୍ତିପୀଠ ମାନ୍କେ ଗଲାକାଏଲ୍ ଦଶ୍ରାପୁନି ଅବ୍ସରେ କୁମାର ଉତ୍ସବ୍ ପାଲିତ୍ ହେଇଛେ । ଦେବୀ ମାହେଶ୍ୱରୀ, ପରମେଶ୍ୱରୀଙ୍କର୍ ଦେ'ମୁଳ ଯାତ୍ରା ପଡ଼ିଆଥି ବିଜେ କର୍ବାର୍ଟାକେ ଦେଖିବାର୍ ଲାଗି ଶହ ଶହ ଭକ୍ତଙ୍କର୍ ଭିଡ଼୍ ଲାଗିଥିଲା ।

ବର୍ଗଡ଼୍- ଅଭିଯୁକ୍ତ ଗିରଫ୍ ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ପୁଲିସ୍ ୧୫ ଝନ୍ ଆନ୍ତଃରାଜ୍ୟ ଚୁରା ବନ୍ଧୁକ୍ ବେପାର୍ ଆଉ ନିଶା କାର୍ବାର୍ କରୁଥିବା ଅଭିଯୁକ୍ତଙ୍କୁ ଗିରଫ୍ କରିଛେ । ସେମାନ୍କର୍ ଠାନୁ ପୁଲିସ୍ ୫ ଟା ଦେଶୀ ବନ୍ଧୁକ୍, ଗୁଲି, ୧୫ ଶହ ବୁତଲ୍ କଫ୍ ସିରପ୍, ୫ ଟା ୪ ଚକିଆ ଗାଡ଼ି ଆଉ ନଗଦ୍ ୫୭ ହଜାର୍ ଟଙ୍କା ଜବତ୍

କରିଛେ । ଅଭିଯୁକ୍ତ ମାନେ ଛତିଶ୍‌ଗଡ୍‌, ବର୍‌ଗଡ୍‌, ବଲାଙ୍ଗିର୍‌, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍ ଆଉ ଯାଜ୍‌ପୁର୍ ଜିଲ୍ଲାର୍ ବଲି ବର୍‌ଗଡ୍‌ ଆରକ୍ଷୀ ଅଧିକ୍ଷକ୍ ପ୍ରହ୍ଲାଦ୍ ସହାୟ ମୀନା ସୂଚ୍‌ନା ଦେଇଛନ୍ ।

ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ     I&PR

ଆଏବା ୧୧ ତାରିଖ୍‌ନୁ ୧୫ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ୨୮ ନମ୍ବର୍ ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା ହେବାର୍‌କେ ଯାଉଛେ । ଇଥିର୍‌ଲାଗି ଗଲାକାଏଲ୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଉଚ୍ଚଶିକ୍ଷା ଆଉ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରତିଯୋଗିତାର୍ ଟ୍ରଫି ଉନ୍ମୋଚନ୍ କର୍‌ବାର୍ ସହେତେ ଟ୍ରଫି ଟୁର୍ ବସ୍‌ର ଶୁଭାରମ୍ଭ କରିଛନ୍ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ବର୍‌ଗଡ୍‌, ସୁନ୍ଦର୍‌ଗଡ୍‌,

ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ଘଡ଼୍‌ଘଡ଼ି ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।